# NATIONAL NEWS BULLETIN (ODIA)
## 18 August - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଚାର ଆଲୋଚନା କରବା ଲାଗି ଏକ କମିଟି ଗଠନ କଲେ କେନ୍ଦ୍ର ସରକାର ।
- ଚେନ୍ନାଇଠାରେ ଅତ୍ୟାଧୁନିକ ସାମୁଦ୍ରିକ ଉଦ୍ଧାର ସମନ୍ୱୟ କେନ୍ଦ୍ରର ଉଦ୍‌ଘାଟନ କରିବେ ପ୍ରତିରକ୍ଷାମନ୍ତ୍ରୀ ।
- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍‌. ଜୟଶଙ୍କରଙ୍କର ଆଜିଠୁ କ୍ୱେତ୍‌ ଗସ୍ତ ।
- ଇସ୍ରାଏଲ ଆକ୍ରମଣରେ କେନ୍ଦ୍ରୀୟ ଗାଜାର ଅଲ୍‌ ଜାଓ୍ୱାୟେଦାରେ ୧୫ଜଣଙ୍କର ମୃତ୍ୟୁ ।

ଏବଂ

- ବ୍ୟାଡମିଣ୍ଟନ ଜୁନିୟର ଚାମ୍ପିୟନସିପ୍‌ ପ୍ରତିଯୋଗିତା ପାଇଁ ଚୀନ୍‌ ଗସ୍ତରେ ଗଲା ଭାରତର ଅଣଚାଳିଶ ଜଣିଆ ଦଳ ।

## ସେଣ୍ଟର-ହେଲ୍ଥ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଚାର ଆଲୋଚନା କରବା ଲାଗି କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି । ଡାକ୍ତରୀ ସଂଘ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏଥିପାଇଁ କେନ୍ଦ୍ର ସରକାର' ରାଜ୍ୟ ସରକାରଙ୍କଠାରୁ ପରାମର୍ଶ ଆହ୍ୱାନ କରିଛନ୍ତି । ସ୍ୱାସ୍ଥ୍ୟକର୍ମୀଙ୍କୁ ମୌଖିକ କିମ୍ବା ଶାରିରୀକ ହିଂସା ବିରୋଧରେ ୬ ଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବାକୁ କେନ୍ଦ୍ର ସରକାର ସମସ୍ତ ସରକାରୀ ଡାକ୍ତରଖାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କିତ ଏକ ବିଜ୍ଞପ୍ତି ଗତ ଶୁକ୍ରବାର ଦିନ ଜାରି କରାଯାଇଛି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲା ରୁଜୁ କରିବା ଦାୟିତ୍ୱ ଅନୁଷ୍ଠାନର ମୁଖ୍ୟଙ୍କର ରହିବ ବୋଲି ଏହି ନିର୍ଦ୍ଦେଶାନାମାରେ ସ୍ପଷ୍ଟ କରାଯାଇଛି ।

## ରାଜନାଥ-ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ତାଙ୍କ ଚେନ୍ନାଇ ଗସ୍ତ ଅବସରରେ ଭାରତୀୟ ତଟରକ୍ଷୀ ବାହିନୀର ଏକ ଅତ୍ୟାଧୁନିକ ସାମୁଦ୍ରିକ ଉଦ୍ଧାର ସମନ୍ୱୟ କେନ୍ଦ୍ରର ଉଦ୍‌ଘାଟନ କରିବେ । ସେ ଚେନ୍ନାଇରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର ଏବଂ ପୁଡୁଚେରିରେ କୋଷ୍ଟଗାର୍ଡ୍ ଏୟାର୍ ଏନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରିବେ । ସାମୁଦ୍ରିକ ପ୍ରଦୂଷଣ

ପରିଚାଳନାରେ ଚେନ୍ନାଇ ବନ୍ଦର ସ୍ଥିତ ପ୍ରଦୂଷଣ କେନ୍ଦ୍ର ଏକ ଅଭିନବ ପଦକ୍ଷେପ । ସାମୁଦ୍ରିକ ପ୍ରଦୂଷଣ ଜନିତ ସମସ୍ୟାର ସମାଧାନ କରିବା ଦିଗରେ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେହିଭଳି ସାମୁଦ୍ରିକ ନିରାପତ୍ତାକୁ ସୁଦୃଢ଼ କରିବା ଏବଂ ଜରୁରୀକାଳୀନ ପରିସ୍ଥିତିରେ ଏହି ନୂତନ ସୁବିଧାଗୁଡ଼ିକୁ ବିଶେଷ ସହାୟକ ହେବ । ଏହା ପରେ ପ୍ରତିରକ୍ଷାମନ୍ତ୍ରୀ' ସ୍ୱର୍ଗତ ଏମ୍. କରୁଣାନିଧିଙ୍କ ଜନ୍ମ ଶତବାର୍ଷିକୀ ଉଦ୍ଦେଶ୍ୟରେ ତାଙ୍କ ସମ୍ମାନରେ ଏକ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର-କ୍ୱେତ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି କ୍ୱେତ୍ ଗସ୍ତରେ ଯିବେ । ଏହି ଅବସରରେ ସେ ତାଙ୍କ କ୍ୱେତ୍ ପ୍ରତିପକ୍ଷ ଅବଦୁଲ୍ଲା ଅଲ୍ଲୀ ଅଲ୍ ୟାହିୟାଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଏହି ଗସ୍ତ ଅବସରରେ ସେ କ୍ୱେତ୍‌ର ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଦୁଇଦେଶ ମଧ୍ୟରେ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ନିରାପତ୍ତା, ସାଂସ୍କୃତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହେବ । ଉଭୟ ଦେଶ ପାରସ୍ପରିକ ସ୍ୱାର୍ଥଜଡିତ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ ବୋଲି ଜଣାପଡିଛି ।

# ଇଏଏମ୍-ଗ୍ଲୋବାଲ ସାଉଥ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଭାରତ ଦ୍ୱାରା ଆୟୋଜିତ ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ଶିଖର ସମ୍ମିଳନରେ ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶକ୍ତି ନିରାପତ୍ତା ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଆଭାସୀ ମାଧ୍ୟମରେ ଆୟୋଜିତ ଏହି ସମ୍ମିଳନୀ ଶେଷ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ଜୟଶଙ୍କର ଜାତିସଂଘ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।  ସେ କହିଛନ୍ତି ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣକାରୀ ଦେଶଗୁଡ଼ିକର ନେତା ବିଭିନ୍ନ ସାଧାରଣ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିକୂଳ ପାଣିପାଗ ପରିସ୍ଥିତି, ଅଙ୍ଗାରକାମ୍ଳ ନିର୍ଗମନ ଆହ୍ୱାନ ଏବଂ ଋଣ ଆଦି ବିଷୟ ଉପରେ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି । ସମ୍ବଳର ଉପଲବ୍ଧତା, ନିଯୁକ୍ତି ଏବଂ ଅର୍ଥନୈତିକ ଅସମାନତା ଉପରେ ଏହି ବୈଠକରେ ବିଭିନ୍ନ ଦେଶର ନେତା ନିଜର ମତ ଉପସ୍ଥାପନ କରିଥିଲେ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ବିଜେପି ଅଫିସ୍ ବିୟରର୍ସ ମିଟ୍

ନୂଆଦିଲ୍ଲୀଠାରେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଛି । ସଭାପତି ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସଦସ୍ୟତା ଅଭିଯାନ ଉପରେ ଆଲୋଚନା ହୋଇଛି ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହାଙ୍କ ସମେତ ଦଳର ଅନ୍ୟାନ୍ୟ ଶୀର୍ଷ ନେତୃମଣ୍ଡଳୀ ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଆସନ୍ତାମାସ ପହିଲାରୁ ଦଳର ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ । ୧୦କୋଟିରୁ ଅଧିକ ଲୋକଙ୍କୁ ସଦସ୍ୟଭାବେ ଦଳ ସହ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବିଧାନସଭା ନିର୍ବାଚନ ଘୋଷଣା ହୋଇଥିବା ରାଜ୍ୟଗୁଡ଼ିକରେ ଏହି ଅଭିଯାନ ନିର୍ବାଚନ ପରେ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଦଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହାର ଆଦର୍ଶକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ଇସ୍ରାଏଲ-ଗାଜା ଷ୍ଟ୍ରାଇକ୍

କେନ୍ଦ୍ରୀୟ ଗାଜାର ଅଲ୍ ଜାୱାୟେଦାରେ ଇସ୍ରାଏଲର ଆକାଶମାର୍ଗ ଆକ୍ରମଣ ଯୋଗୁଁ ୧୫ଜଣଙ୍କର ମୃତ୍ୟୁ ହୋଇଛି । ଗାଜାର ବେସାମରିକ ପ୍ରତିରକ୍ଷା ବିଭାଗର ଜଣେ ମୁଖପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏଥିରେ ଗୋଟିଏ ପରିବାରର ୯ଜଣ ଶିଶୁ ଅନ୍ତର୍ଭୁକ୍ତ । ଇସ୍ରାଏଲର ପ୍ରତିରକ୍ଷାବାହିନୀ ଆଇଡିଏଫ୍ ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଇସ୍ରାଏଲ ସୈନ୍ୟଙ୍କ ଉପରେ ରକେଟ୍ ମାଡ଼ ଘଟଣାରେ ସମ୍ପୃକ୍ତ ଜଣେ ଆତଙ୍କବାଦୀଙ୍କ ସମେତ ଅନ୍ୟ ଆତଙ୍କବାଦୀଙ୍କୁ ଲକ୍ଷ୍ୟରେ ରଖି ଏହି

ପଦକ୍ଷେପ ନିଆଯାଇଥିଲା । କେନ୍ଦ୍ରୀୟ ଗାଜାରୁ ସାଧାରଣ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଇସ୍ରାଏଲ ଗତକାଲି ଏକ ନିର୍ଦ୍ଦେଶନାମା ଜାରି କରିଛି । ଚଳିତ ଅଗଷ୍ଟ ମାସରେ ଏହା ହେଉଛି ନବମ ନିର୍ଦ୍ଦେଶ । ଅନ୍ୟପକ୍ଷରେ ଜାତିସଂଘ କହିଛି ଏଭଳି ସ୍ଥାନାନ୍ତର ଦ୍ୱାରା ସ୍ଥାନୀୟ ଲୋକ ଅତ୍ୟାବଶ୍ୟକ ସେବା ଏବଂ ଆଶ୍ରୟ ପାଇବାରୁ ବଞ୍ଚିତ ହେଉଛନ୍ତି ।

## ଗଭ୍-ଏଫ୍‌ଏମ୍‌ଡି ମୁକ୍ତ ଭାରତ

ଟୀକାକରଣ ମାଧ୍ୟମରେ ଆସନ୍ତା ୨୦୩୦ ସୁଦ୍ଧା ଭାରତରୁ ପଶୁ ସମ୍ପଦର ପାଦ ଏବଂ ମୁଖ ରୋଗ - ଏଫ୍.ଏମ୍.ଡିକୁ ମୁଳୋତ୍ପାଟନ କରିବାଲାଗି ଲକ୍ଷ୍ୟ ରଖାଯାଇଛି । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଭାରତୀୟ ଅର୍ଥନୀତି ପାଇଁ ପଶୁସମ୍ପଦର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ଭାରତ ଏଫ୍‌ଏମ୍‌ଡି ମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର ଏବଂ ଗୁଜରାଟ ଭଳି ରାଜ୍ୟରେ ଏଫ୍‌ଏମ୍‌ଡି ମୁକ୍ତ ଜୋନ୍ ସୃଷ୍ଟି କରିବା ଲାଗି ପଦକ୍ଷେପ ନିଆଯାଉଛି । ଏହି ରାଜ୍ୟ ଗୁଡ଼ିକରେ ଟୀକାକରଣର ବ୍ୟବସ୍ଥା ପୂର୍ବରୁ କାର୍ଯ୍ୟକାରୀ ହୋଇଆସୁଛି ।

ଏଫ୍‌ଏମ୍‌ଡିକୁ ପ୍ରତିହତ କରିବା ସହ ପଶୁସମ୍ପଦ କ୍ଷେତ୍ରର ଅଭିବୃଦ୍ଧି କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଉଛି । ଆଇ.ସି.ଏ.ଆର୍ ଦ୍ୱାରା

ବିକଶିତ ଏବଂ ଘରୋଇ ସ୍ତରରେ ଏହି ପଶୁ ଟୀକାର ଉତ୍ପାଦନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଟୀକାଯୋଗାଣ ଇତିମଧ୍ୟରେ ଆରମ୍ଭ ହୋଇସାରିଛି ଏବଂ ଲଦାଖରେ ୧୦୦ଦିନିଆ ଆକ୍ସନ ପ୍ଲାନ ମାଧ୍ୟମରେ ଟୀକାକରଣ କାର୍ଯ୍ୟ ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି ।

## ନେପାଳ ଏଫ୍ଏମ୍-ଇଣ୍ଡିଆ ଭିଜିଟ୍

ନେପାଳର ବୈଦେଶିକ ମନ୍ତ୍ରୀ ଡକ୍ଟର ଅର୍ଜୁରାଣା ଦେଓବା ଆଜିଠାରୁ ଏକ ୫ଦିନିଆ ଭାରତ ଗସ୍ତରେ ଆସୁଛିନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଆମନ୍ତ୍ରଣ କ୍ରମେ ନେପାଳ ପ୍ରତିପକ୍ଷ ଭାରତ ଗସ୍ତରେ ଆସୁଥିବା ଜଣାପଡିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁଇଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ନେଇ ନିୟମିତ ଉଚ୍ଚସ୍ତରୀୟ ବୈଠକର ପରମ୍ପରା ଆଧାରରେ ନେପାଳ ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସୁଛନ୍ତି । ଭାରତର ପଡୋଶୀ ପ୍ରଥମ ନୀତିରେ ନେପାଳ ଏକ ପ୍ରମୁଖ ଅଂଶୀଦାର ବୋଲି କୁହାଯାଇଛି । ନେପାଳ ବୈଦେଶିକ ମନ୍ତ୍ରୀଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧିକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଇଛି । ନେପାଳର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ ଦୁଇଦେଶ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି ।

# ରୁଷିଆ-ଆର୍ଥକ୍ୱେକ

ରୁଷିଆର ପୂର୍ବ ଉପକୂଳରେ ୭ ଦଶମିକ ଶୂନ୍ ତୀବ୍ରତାର ଭୂ-କମ୍ପ ଅନୁଭୂତ ହୋଇଛି । ଆମେରିକା ଭୌଗୋଳିକ ସର୍ଭେ ସଂସ୍ଥା ଏହି ସୂଚନା ଦେଇ କହିଛି ପେଟ୍ରୋପାଭ୍ଲୋଭସ୍କ-କାମଚାଟିସକି ସହରଠାରୁ ୮୮ କିଲୋମିଟର ଦୂରରେ ଭୂ-କମ୍ପର କେନ୍ଦ୍ରସ୍ଥଳ ରହିଥିଲା । ଆଜି ସକାଳେ ଅନୁଭୂତ ଏହି ଭୂ-କମ୍ପର ପ୍ରଭାବରେ ସୁନାମିର ସମ୍ଭାବନା ନେଇ ଆମେରିକା ସତର୍କ ସୂଚନା ଜାରି କରିଥିଲା । ତେବେ ଏହି ସୁନାମିର ସମୟ ଇତିମଧ୍ୟରେ ଅତିକ୍ରାନ୍ତ ହୋଇଛି ବୋଲି ଆମେରିକା ସୁନାମି ସତର୍କ ସଂସ୍ଥା ପକ୍ଷରୁ କୁହାଯାଇଛି ।

# ୟୁଏସ୍-କୋର୍ଟ ରାଣା

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହୱୁର ରାଣାଙ୍କୁ ଭାରତ ପ୍ରତ୍ୟାର୍ପଣ କରାଯାଇପାରିବ ବୋଲି ଆମେରିକାର ଏକ ଅଦାଲତ କହିଛି । କାଲିଫର୍ଣ୍ଣିଆସ୍ଥିତ ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ କହିଛି ଭାରତ-ଆମେରିକା ପ୍ରତ୍ୟାର୍ପଣ ଚୁକ୍ତି ଆଧାରରେ ରାଣାଙ୍କୁ ଭାରତ ପଠାଯାଇପାରିବ । ୬୩ବର୍ଷୀୟ ରାଣାଙ୍କୁ ଭାରତକୁ ପ୍ରତ୍ୟାର୍ପଣ କରିବା ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ଦେଇଛନ୍ତି । ୨୬/୧୧ ଆକ୍ରମଣ ମାମଲାରେ ରାଣା ଏବେ ଲସ୍ ଏଞ୍ଜଲସ ଜେଲ୍‌ରେ ବନ୍ଦୀ ଅଛି । ଏହି ଆକ୍ରମଣର ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ

ଆମେରିକୀୟ ଲସ୍କର-ଇ-ତୋଏବା ଆତଙ୍କବାଦୀ ଡେଭିଡ କୋଲମ୍ୟାନ ହେଡ୍‌ଲୀଙ୍କ ସହ ରାଣାର ସଂପୃକ୍ତି ଥିବା ଜଣାପଡିଛି । ଆଇଏସ୍‌ଆଇ ସହ ମଧ୍ୟ ରାଣାର ସଂପୃକ୍ତି ନେଇ ତଦନ୍ତ ବେଳେ ଜଣାପଡିଥିଲା । ସୂଚନାଯୋଗ୍ୟ ଗତ ୨୦୦୮ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୧୬୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା ।

## ଆକାଶବାଣୀ ବୁଲେଟିନ୍

ଆକାଶବାଣୀ ସମାଚାର ବିଭାଗ ଘଣ୍ଟିକିଆ ସମାଚାର ପ୍ରସାରଣ ସୂଚୀରେ ପରିବର୍ତ୍ତନ କରାଯାଇଛି । ଆଜି ମଧ୍ୟରାତ୍ରିଠାରୁ ପ୍ରଥମେ ହିନ୍ଦୀ ଭାଷାରେ ସମ୍ବାଦ ପ୍ରସାରଣ ହେବ, ପରେ ପରେ ୫ ମିନିଟ୍ ଅବଧିର ଇଂରାଜୀ ସମ୍ବାଦ ପ୍ରସାରଣ କରାଯିବ ।

## ବ୍ୟାଡମିଣ୍ଟନ ଜୁନିୟର ଚାମ୍ପିୟନସିପ୍

ଚୀନ୍‌ର ଚେଙ୍ଗଡୁଠାରେ ଆସନ୍ତା ମଙ୍ଗଳବାରଠାରୁ ଏସିଆ ବ୍ୟାଡମିଣ୍ଟନ ଜୁନିୟର ଚାମ୍ପିୟନସିପ୍ ଆରମ୍ଭ ହେଉଛି । ୧୫ବର୍ଷ ଏବଂ ୧୭ ବର୍ଷରୁ କମ୍ ଦୁଇଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଭାରତୀୟ ବ୍ୟାଡମିଣ୍ଟନ ସଂଘ ପ୍ରତିଯୋଗିତା ପାଇଁ ଅଣଚାଳିଶ ଜଣିଆ ଦଳ ପଠାଇଛି । ୨୦୨୫ ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଆୟୋଜନ କରିବାର ଅବ୍ୟବହିତ ପୂର୍ବରୁ ଏହି ପ୍ରତିଯୋଗିତାରେ ପଦକ ଜିତି ଭାରତ ନିଜର ସ୍ଥିତି ଦୃଢ଼ କରିବାର ଲକ୍ଷ୍ୟ ରହିଛି । ଚୀନ୍‌ରେ ଆରମ୍ଭ

ହେବାକୁ ଥିବା ପ୍ରତିଯୋଗିତା ପାଇଁ ଗୁଆହାଟୀଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହାପରେ ଭାରତୀୟ ଦଳ ଗତକାଲି ଚେଙ୍ଗଡୁ ଅଭିମୁଖେ ଯାତ୍ରା କରିଛି । ଏହି ପ୍ରତିଯୋଗିତାର ଗସ୍ତ ସଂସ୍କରଣରେ ଭାରତ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଥିଲା ।